# NATIONAL NEWS BULLETIN (ODIA)

## 14 June 2026

## Midday Bulletin : 1.50 P.M.

************************************

## ମୁଖ୍ୟ ସମ୍ବାଦ

- ଫ୍ରାନ୍ସର ନିସ୍‌ଠାରେ ଉଦ୍‌ଘାଟିତ ହେଲା ଭାରତ ଇନୋଭେଟ୍ସ କାର୍ଯ୍ୟକ୍ରମ ।

– ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ ।

- ଆନ୍ତର୍ଜାତିକ ଯୋଗ ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଆଜି ବିଶ୍ୱସ୍ତରୀୟ ଅନ୍‌ଲାଇନ୍ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ।

– ଅଂଶଗ୍ରହଣ କଲେ ୧୩୦ରୁ ଅଧିକ ଦେଶ ।

- ରକ୍ତଦାନର ମହତ୍ୱ ଏବଂ ଏହାକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ବିଶ୍ୱ ରକ୍ତଦାତା ଦିବସ ।

- ପହିଲି ରଜ ସହ ଓଡ଼ିଶାରେ ତିନି ଦିନିଆ ରଜ ମହୋତ୍ସବ ଆରମ୍ଭ ।

– ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ।

ଏବଂ

- ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ପାକିସ୍ତାନ ବିପକ୍ଷରେ ଭାରତ ଆରମ୍ଭ କରି କରିବ ଅଭିଯାନ ।

# ପିଏମ୍-ମିସ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ ନିସ୍ ଠାରେ ଭାରତ ଇନୋଭେଟ୍ସ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଛନ୍ତି । ଭାରତ ଫ୍ରାନ୍ସ ନବସୃଜନ ବର୍ଷ ଅଧୀନରେ ଆୟୋଜିତ ଏହି ପ୍ରମୁଖ କାର୍ଯ୍ୟକ୍ରମ ୧୨୦ରୁ ଅଧିକ ଭାରତୀୟ ଷ୍ଟାର୍ଟଅପ୍, ବିଶ୍ୱସ୍ତରୀୟ ନିବେଶକ, ପ୍ରଯୁକ୍ତିବିଦ୍ୟାର ଅଂଶିଦାର ଏବଂ ଉଦ୍ୟୋଗୀଙ୍କୁ ଏକତ୍ରିତ କରିଛି । ଭାରତ ବ୍ୟାପକ ନବସୃଜନ ଇକୋସିଷ୍ଟମ୍‌କୁ ବିଶ୍ୱସ୍ତରରେ ପ୍ରସାର କରିବା ପାଇଁ ଏହି କାର୍ଯ୍ୟକ୍ରମ ଏକ ମଞ୍ଚ ପ୍ରଦାନ କରିବ । ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରେ ଶ୍ରୀ ମୋଦୀ ରାଷ୍ଟ୍ରପତି ମାକ୍ରୋନ୍‌ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ଏବଂ ବିଶ୍ୱସ୍ତରୀୟ ରଣନୈତିକ ସହଭାଗିତା ନେଇ ମତବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ଏହା ପରେ ଶ୍ରୀ ମୋଦୀ ଦ୍ୱିରାଷ୍ଟ୍ରୀୟ ଗସ୍ତର ପରବର୍ତ୍ତୀ ପର୍ଯ୍ୟାୟରେ ସ୍ଲୋଭାକିଆ ଅଭିମୁଖେ ଯାତ୍ରା କରିବେ । ସ୍ଲୋଭାକିଆରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଅପୂର୍ବ ଶ୍ରୀବାସ୍ତବ କହିଛନ୍ତି, ଶ୍ରୀ ମୋଦୀଙ୍କ ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କ ନୂତନ ମାର୍ଗ ଉନ୍ମୁକ୍ତ କରିବା ସହ ଆର୍ଥିକ କ୍ଷେତ୍ରକୁ ଅଧିକ ଦୃଢ଼ କରିବ । ସ୍ଲୋଭାକିଆ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ଫ୍ରାନ୍ସର ଏଭିଏନ୍‌କୁ ଯାତ୍ରା କରିବେ । ସେଠାରେ ଆସନ୍ତା ୧୬ ଓ ୧୭ ତାରିଖରେ ଜି-୭ ଶିଖର ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଜି-୭ ସମ୍ମିଳନୀରେ ଭାରତର ଉପସ୍ଥିତି ବୈଶ୍ୱିକ ସ୍ତରରେ ବର୍ଦ୍ଧିତ ଦକ୍ଷତାକୁ ପ୍ରତିପାଦନ କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଏହା ପରେ ୧୮ ତାରିଖରେ ଶ୍ରୀ ମୋଦୀ ପ୍ୟାରିସ୍‌ଠାରେ ପହଞ୍ଚି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍

ମାକ୍ରୋନ୍‌ଙ୍କ ସହ ମିଳିତ ଭାବେ ଭିଭାଟେକ୍-୨୦୨୬ କାର୍ଯ୍ୟକ୍ରମରେ ଯୋଗଦେବେ ।

## ଅନ୍‌ଲାଇନ୍ ଯୋଗ ଅଧିବେଶନ

ଆନ୍ତର୍ଜାତିକ ଯୋଗଦିବସ ପାଳନର ଅବ୍ୟବହିତ ପୂର୍ବରୁ ଆଜି ଏକ ବିଶ୍ୱସ୍ତରୀୟ ଅନ୍‌ଲାଇନ୍ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୁଷ ମନ୍ତ୍ରଣାଳୟ, ମୋରାରଜି ଦେଶାଇ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଯୋଗ ଏବଂ ହାବିଲ୍ଡ ସହଯୋଗରେ ଆୟୋଜିତ ଏହି ଅନ୍‌ଲାଇନ୍ ଅଧିବେଶନରେ ୧୩୦ରୁ ଅଧିକ ଦେଶ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଯୋଗଦେଇ ଆୟୁଶ ମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି, ଯୋଗାଭ୍ୟାସ ଏବେ ଏକ ବିଶ୍ୱସ୍ତରୀୟ ଜନ ଆନ୍ଦୋଳନରେ ପରିଣତ ହୋଇଛି । ଜାତିସଂଘ ଦ୍ୱାରା ଆନ୍ତର୍ଜାତିକ ଯୋଗଦିବସକୁ ମାନ୍ୟତା ପ୍ରଦାନ ଭାରତ ପାଇଁ ଗର୍ବର ବିଷୟ ବୋଲି ଶ୍ରୀ ଯାଦବ କହିଛନ୍ତି । ସାର୍ବଜନୀନ ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ଯୋଗର ବର୍ଦ୍ଧିତ ଗ୍ରହଣୀୟତାକୁ ପ୍ରତିପଳନ କରୁଛି । ଦୈନନ୍ଦିନ ଜୀବନରେ ଯୋଗକୁ ଏକ ଅଂଶଭାବେ ଗ୍ରହଣ କରିବାକୁ ଶ୍ରୀ ଯାଦବ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ଭୌଗଳିକ, ସାଂସ୍କୃତିକ ଏବଂ ଭାଷାଗତ ସୀମା ବାହାରେ ମାନବତାକୁ ଏକତ୍ର କରିବାରେ ଏହି ଅନ୍‌ଲାଇନ୍ ଯୋଗ ଅଧିବେଶନ ଏକ ବଡ଼ ମଞ୍ଚ ପ୍ରଦାନ କରିଛି ବୋଲି ମନ୍ତ୍ରୀ ଶ୍ରୀ ଯାଦବ କହିଛନ୍ତି । ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତିକ ଯୋଗଦିବସ

କାର୍ଯ୍ୟକ୍ରମରେ ଉତ୍ସାହର ସହିତ ଅଂଶଗ୍ରହଣ କରିବାକୁ ମନ୍ତ୍ରୀ ଶ୍ରୀ ଯାଦବ ଅନୁରୋଧ କରିବା ସହ ହର୍ ଘର ଯୋଗ, ହର୍ ଦିନ୍ ଯୋଗର ସଂକଳ୍ପକୁ ଆଗେଇ ନେବାକୁ ଆହ୍ୱାନ ଦେଇଛନ୍ତି ।

ଆୟୁଷ ମନ୍ତ୍ରଣାଳୟ କହିଛି, ୟୁଟ୍ୟୁବ୍ ଲାଇଭ୍ ଯୋଗ ଅଧିବେଶନ ପାଇଁ ସର୍ବାଧିକ ଅଂଶିଦାରଙ୍କ ସହ ଏକ ନୂତନ ବିଶ୍ୱରେକର୍ଡ଼ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ବୈଶ୍ୱିକ ସ୍ତରରେ ଯୋଗ ଅଭ୍ୟାସ ଏବଂ ସୁସ୍ଥତାକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ ଡିଜିଟାଲ୍ ପ୍ଲାଟ୍‌ଫର୍ମର ଉପଯୋଗ ମଧ୍ୟ କାର୍ଯ୍ୟକ୍ରମର ଅନ୍ୟତମ ଉଦ୍ଦେଶ୍ୟ ବୋଲି ମନ୍ତ୍ରଣାଳୟ କହିଛି । ଏହି କାର୍ଯ୍ୟକ୍ରମରେ ଭାରତର କେନ୍ଦ୍ର ମନ୍ତ୍ରିମଣ୍ଡଳ ବହୁ ସଦସ୍ୟ, ବରିଷ୍ଠ ସରକାରୀ ଅଧିକାରୀ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଏଥିସହିତ ବିଭିନ୍ନ ଦେଶର ନାଗରିକ, ଯୋଗ ଅଭ୍ୟାସକାରୀ, ଶିକ୍ଷାନୁଷ୍ଠାନ, ଗୋଷ୍ଠୀ ଭିତ୍ତିକ ଏବଂ ପ୍ରବାସୀ ଭାରତୀୟ ଏହି କାର୍ଯ୍ୟକ୍ରମରେ ଯୋଗଦେଉଛନ୍ତି ।

# ପିଏମ୍-ହେଲ୍‌ଥ ୧୨ ଇୟର୍ସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଗତ ୧୨ ବର୍ଷ ଧରି ଦେଶରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ଅଧିକ ସହଜ ଏବଂ ସୁଲଭ ମୂଲ୍ୟରେ ପ୍ରଦାନ କରାଯାଇ ପାରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ବିଶ୍ୱର ଏହି ସର୍ବବୃହତ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଆୟୁଷ୍ମାନ୍ ଭାରତ ମାଧ୍ୟମରେ ସମାଜର ଦୁର୍ବଳ ଶ୍ରେଣୀଙ୍କ ପାଖରେ ଗୁଣାତ୍ମକ

ସ୍ୱାସ୍ଥ୍ୟସେବା ପହଞ୍ଚିବା ଅତ୍ୟନ୍ତ ଗର୍ବର ବିଷୟ । ଶ୍ରୀ ମୋଦୀ କହିଛନ୍ତି, ଭାରତୀୟ ଜନୌଷଧୀ ପରିଯୋଜନା ପଦକ୍ଷେପ ଔଷଧର ମୂଲ୍ୟକୁ ସୁଲଭ କରିଛି । ଡାକ୍ତରୀ ଶିକ୍ଷା, ପ୍ରତିଷ୍ଠାନ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଆସନ ଉପଲବ୍ଧତା ହେବା ଯୋଗୁଁ ଚିକିତ୍ସା ଶିକ୍ଷା ମଧ୍ୟ ଅଧିକ ସୁଲଭ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସୁସ୍ଥ ଭାରତ ଗଠନ ପାଇଁ ସରକାର ନିରନ୍ତର ପ୍ରୟାସ ଜାରି ରଖିବେ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଘଟିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଗଡ଼କରୀ କହିଛନ୍ତି, ସରକାରଙ୍କ ପ୍ରମୁଖ ସ୍ୱାସ୍ଥ୍ୟସେବା ପଦକ୍ଷେପ ଦେଶର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଉଲ୍ଲେଖନୀୟ ଭାବେ ସଶକ୍ତ କରିବା ସହିତ ସୁସ୍ଥ ଭାରତ ଗଠନ ସ୍ୱପ୍ନ ଆଡ଼କୁ ଅଗ୍ରସର ହେଉଛି । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ବିଶ୍ୱର ଅନେକ ବୃହତ ସ୍ୱାସ୍ଥ୍ୟସେବା ପଦକ୍ଷେପର ନେତୃତ୍ୱ ଏବେ ଭାରତ ନେଉଛି ।

## ରକ୍ତଦାନ ଦିବସ

ରକ୍ତଦାନର ମହତ୍ତ୍ୱ ଏବଂ ରକ୍ତଦାନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ରକ୍ତଦାତା ଦିବସ ପାଳନ କରଯାଉଛି । ବ୍ଲଡ୍ ଗ୍ରୁପ୍‌ର ଆବିଷ୍କାର କରିଥିବା ନୋବେଲ ପୁରସ୍କାର ବିଜେତା ବୈଜ୍ଞାନିକ କାର୍ଲ ଲ୍ୟାଣ୍ଡଷ୍ଟିନ୍’ଙ୍କ ଜନ୍ମଦିବସକୁ ସ୍ମରଣ କରିବା ପାଇଁ ପ୍ରତ୍ୟେକ ବର୍ଷ ଜୁନ୍ ୧୪ ତାରିଖକୁ

ବିଶ୍ୱ ରକ୍ତଦାତା ଦିବସ ଭାବେ ପାଳନ କରାଯାଇଥାଏ । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ମାନବିକତାର ଏକବୁନ୍ଦା, ରକ୍ତ ଦିଅନ୍ତୁ, ଜୀବନ ବଞ୍ଚାନ୍ତୁ'। ଜରୁରୀ ସମୟରେ ଅସ୍ତ୍ରୋପଚାର, କର୍କଟ ଚିକିତ୍ସା, ଆକସ୍ମିକ ଦୁର୍ଘଟଣା ଏବଂ ଦୀର୍ଘଦିନର ଦୂରାରୋଗ୍ୟ ଚିକିତ୍ସା କ୍ଷେତ୍ରରେ ରକ୍ତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରକ୍ତଦାତାମାନଙ୍କୁ ଏହି ମହତ୍ କାର୍ଯ୍ୟରେ ସାମିଲ ହେବାକୁ ଆହ୍ୱାନ ଦେଇଛି। ଏହି ଦିବସ ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ସ୍ୱେଚ୍ଛାକୃତ ରକ୍ତଦାନ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ନଡ୍ଡା କହିଛନ୍ତି, ରକ୍ତଦାନ ହେଉଛି ଜଣଙ୍କୁ ଜୀବନରେ ଦ୍ୱିତୀୟ ସୁଯୋଗ ଦେବାର ସବୁଠାରୁ ସରଳ ତଥା ପ୍ରଭାବଶାଳୀ ମାଧ୍ୟମ । ରକ୍ତଦାନର ଗୁରୁତ୍ୱ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଏବଂ ଏ ସଂକ୍ରାନ୍ତରେ ରହିଥିବା ଧାରଣାକୁ ଦୂର କରିବା ସହିତ ରକ୍ତଦାନର ମହତ୍ୱ ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ଅଧିକରୁ ଅଧିକ ଲୋକଙ୍କୁ ଉତ୍ସାହିତ କରିବାକୁ ସେ ପରାମର୍ଶ ଦେଇଛନ୍ତି । ପ୍ରତ୍ୟେକ ରକ୍ତଦାତାଙ୍କ ପାଖରେ ଅନ୍ୟ ଜୀବନ ପରିବର୍ତ୍ତନ କରିବା ଶକ୍ତି ରହିଛି । ଏହା ମାଧ୍ୟମରେ ଏକ ସୁସ୍ଥ, ଯତ୍ନବାନ ଏବଂ କରୁଣାପୂର୍ଣ୍ଣ ସମାଜ ଗଠନ ପାଇଁ ଏକତ୍ରିତ ହେବାକୁ ଶ୍ରୀ ନଡ୍ଡା ଅନୁରୋଧ କରିଛନ୍ତି ।

# ରଜ-ଫେଷ୍ଟିଭାଲ୍

ପହିଲି ରଜ ପାଳନ ସହ ଓଡ଼ିଶାରେ ଆଜିଠାରୁ ତିନି ଦିନିଆ ରଜ ମହୋତ୍ସବ ଆରମ୍ଭ ହୋଇଛି । ରାଜ୍ୟର ଏହି କୃଷିଭିତ୍ତିକ ଗଣପର୍ବରେ ଆସନ୍ତାକାଲି ରଜସଂକ୍ରାନ୍ତି ଏବଂ ତା' ପରଦିନ ଭୂମିଦହନ ପାଳନ କରାଯିବ। ଶୁଖିଲା ଭୂଇଁରେ ବର୍ଷାପାଣି ପଡ଼ିବା ପରେ ମାଟିର ପ୍ରଜନନ ଶକ୍ତି ବଢ଼ିଥାଏ। ସେଥିପାଇଁ ଏହି ତିନିଦିନ ଜମିରେ ଚାଷ କରାଯାଇନଥାଏ। ପରମ୍ପରା ଅନୁସାରେ ତିନିଦିନ ବିଶ୍ରାମ ଏବଂ ମନୋରଞ୍ଜନର ସମୟ ହୋଇଥିବାରୁ ପୁରପଲ୍ଲୀରୁ ସହର ପର୍ଯ୍ୟନ୍ତ ରଜ ପର୍ବ ପାଳନ କରାଯାଇଥାଏ। ରଜରେ ଝିଅମାନେ ନୂତନ ବସ୍ତ୍ର ପରିଧାନ କରିବା ସହିତ ଦୋଳୀ ଖେଳିବାର ପରମ୍ପରା ରହିଛି । ଏହି ଅବସରରେ ସୁସ୍ୱାଦୁ ପାନ ଏବଂ ଭୋଜନର ନିଆରା ପରମ୍ପରା ରହି ଆସିଛି। ପର୍ବର ଚତୁର୍ଥ ଦିନରେ ବସୁମତୀ ସ୍ନାନ କରାଯିବା ସହ ଏହି ପର୍ବ ଶେଷ ହୋଇଥାଏ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଅବସରରେ ଦେଶବାସୀଙ୍କୁ ବିଶେଷ କରି ଓଡ଼ିଶାର ଲୋକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି, ପୃଥିବୀ ମାତୃତ୍ୱ ଏବଂ ମେଘକୁ ଏହି ପର୍ବ ସମ୍ମାନ ପ୍ରଦର୍ଶନ କରିଥାଏ । ଓଡ଼ିଶା ତଥା ଦେଶବାସୀଙ୍କର ଏହି ଅବସରରେ ରାଷ୍ଟ୍ରପତି ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି ।

## ଭରତନାଟ୍ୟମ ୱାର୍ଲ୍ଡ ରେକର୍ଡ଼

ସର୍ବାଧିକ ଭରତନାଟ୍ୟମ୍ ନୃତ୍ୟ ଶିଳ୍ପୀ ଏକତ୍ର ପ୍ରଦର୍ଶନ କରି ଗିନିସ୍ ବିଶ୍ୱ ରେକର୍ଡ଼ ପ୍ରତିଷ୍ଠା କରିଛନ୍ତି । କଲମ୍ବୋର ଗାଲେ ଫେସ୍ ଗ୍ରୀନ୍‌ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଭାରତର ସଂଗମମ ଗ୍ଲୋବାଲ୍ ଏକାଡେମୀ ଏବଂ ଶ୍ରୀଲଙ୍କାର ସମାଗମୀଜ୍‌ଲିଆ ମିଳିତ ଭାବେ ଆୟୋଜନ କରିଥିଲେ । ଏଥିରେ ଶ୍ରୀଲଙ୍କା, ଭାରତ ତଥା ଅନ୍ୟାନ୍ୟ ଦେଶରୁ ୫ ହଜାରରୁ ଅଧିକ ନୃତ୍ୟ ଶିଳ୍ପୀ ଅଂଶଗ୍ରହଣ କରି ଏକତ୍ର ଭାବେ ଭରତନାଟ୍ୟମ୍ ନୃତ୍ୟ ପରିବେଷଣ କରିଥିଲେ । ସୀମାପାର ସାଂସ୍କୃତିକ ସମ୍ପର୍କକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ଏହି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ଶ୍ରୀଲଙ୍କାରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ସନ୍ତୋଷ ଝା ଏହି ରେକର୍ଡ଼ ସଂକ୍ରାନ୍ତ ପ୍ରମାଣପତ୍ର ଗ୍ରହଣ କରିଛନ୍ତି । ସମାବେଶକୁ ସମ୍ବୋଧନ କରି ଶ୍ରୀ ଝା ଏହି ସଫଳତା ପାଇଁ ନୃତ୍ୟ ଶିଳ୍ପୀ ଏବଂ ଆୟୋଜକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଅଲଖ ଆପଏଣ୍ଟମେଣ୍ଟ

ପ୍ରସିଦ୍ଧ ଅର୍ଥନୀତିଜ୍ଞ ପ୍ରଫେସର ଅଲଖ ଏନ୍. ଶର୍ମାଙ୍କୁ ଶ୍ରମ ପରିସଂଖ୍ୟାନ ଆଧାରିତ ଏକ ଉଚ୍ଚସ୍ତରୀୟ ବୈଷୟିକ ବିଶେଷଜ୍ଞ କମିଟିର ଅଧ୍ୟକ୍ଷ ଭାବେ ସରକାର ନିଯୁକ୍ତ କରିଛନ୍ତି । ଶ୍ରମ ବଜାର ସୂଚକାଙ୍କ ଗୁଡ଼ିକୁ ଅଧିକ ସଶକ୍ତ କରିବା, ସମୟାନୁଯାୟୀ ସମୀକ୍ଷା ଏବଂ ଦେଶର ଶ୍ରମ ବଜାରକୁ ଅଧିକ

ବିକଶିତ ରୂପରେଖ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି କମିଟି ଗଠନ କରାଯାଇଛି । ଆନ୍ତର୍ଜାତିକ ସ୍ତରୀୟ ତୁଳନାତ୍ମକ ଶ୍ରମ ପରିସଂଖ୍ୟାନ ସୃଷ୍ଟି କରିବା ସହ ଶ୍ରମ କ୍ଷେତ୍ର ପାଇଁ ଅତି ଆବଶ୍ୟକ ତଥା ସମୟୋଚିତ ପଦକ୍ଷେପ ଗୁଡ଼ିକ ଗ୍ରହଣ କରିବା ଉପରେ ଏହି କମିଟି ଧ୍ୟାନ କେନ୍ଦ୍ରୀଭୂତ କରିବ ବୋଲି ସରକାର କହିଛନ୍ତି । ପ୍ରଫେସର ଶର୍ମା ବର୍ତ୍ତମାନ ମାନବ ବିକାଶ ପ୍ରତିଷ୍ଠାନର ନିର୍ଦ୍ଦେଶକ ଏବଂ ଭାରତୀୟ ଶ୍ରମ ଅର୍ଥନୀତି ସମାଜର ସଭାପତି ଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି ।

# ୱିମେନ୍ସ-ୱାର୍ଲ୍ଡକପ୍-କ୍ରିକେଟ୍

ଆଇସିସି ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଚଳିତ ଦଶମ ସଂସ୍କରଣରେ ଆଜି ଭାରତ ତାର ଅଭିଯାନ ଆରମ୍ଭ କରିବ । ବର୍ମିଂହାମ୍‌ର ଏଜ୍‌ବାଷ୍ଟନ୍ କ୍ରିକେଟ୍ ଗ୍ରାଉଣ୍ଡରେ ଭାରତ’ ପାକିସ୍ତାନକୁ ଭେଟିବ । ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଉଭୟ ଦଳ ପରସ୍ପରକୁ ୧୬ଥର ଭେଟିଥିବା ବେଳେ ଭାରତ ୧୩ଥର ବିଜୟ ହାସଲ କରିଛି ।

# ଫୁଟବଲ୍

ଫିଫା ବିଶ୍ୱକପ୍ ଫୁଟବଲ୍ ପ୍ରତିଯୋଗିତାରେ ଆମେରିକା ତୁର୍କୀକୁ ୨-୦ ଗୋଲ୍‌ରେ ପରାସ୍ତ କରିଛି । ପୂର୍ବରୁ ଗ୍ରୁପ୍-ସି’ ପର୍ଯ୍ୟାୟ ଏକ ମ୍ୟାଚ୍‌ରେ ସ୍କଟ୍‌ଲାଣ୍ଡ ହାଇତି ବିରୁଦ୍ଧରେ ୧-୦ ଗୋଲ୍‌ରେ ବିଜୟୀ ହୋଇଛି । ଅନ୍ୟ ପକ୍ଷରେ ବ୍ରାଜିଲ୍ ଏବଂ ମରକ୍କୋ ମଧ୍ୟରେ ନ୍ୟୁଜର୍ସିଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ୧-୧ ଅମିମାଂଶିତ ଭାବେ ଶେଷ ହୋଇଛି । ଗ୍ରୁପ୍-ବି’ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ କାତାର ଏବଂ ସ୍ୱିଜରଲାଣ୍ଡ ମଧ୍ୟରେ ମଧ୍ୟ ଖେଳ ୧-୧ ଗୋଲ୍‌ରେ ଅମିମାଂସିତ ଭାବେ ଶେଷ ହୋଇଛି ।